# ବୈଜ୍ଞାନିକ ପ୍ରଣାଳୀରେ

# ସୋରିଷ ଚାଷ







**ଶ୍ରୀ ସଂଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର - ୭୫୧୦୦୩

# ବୈଜ୍ଞାନିକ ପ୍ରଣାଳୀରେ ସୋରିଷ ଚାଷ


ଶ୍ରୀ ସଂଜୀବ କୁମାର ମାଣ୍ଡି

ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଡଃ. ସଂଗ୍ରାମ୍ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ICAR

# ବୈଜ୍ଞାନିକ ପ୍ରଣାଳୀରେ ସୋରିଷ ଚାଷ

ବିଷୟବସ୍ତୁ

ଶ୍ରୀ ସଂଜୀବ କୁମାର ମାଣ୍ଡି

ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ସମ୍ପାଦକ

ଡଃ ସଂଗ୍ରାମ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ମୁଦ୍ରଣ :

ମିଡିଆ ସଲ୍ୟୁସନ

ଲକ୍ଷ୍ମୀସାଗର, ଭୁବନେଶ୍ୱର

ମୋ - ୯୭୭୬୮୪୭୨୭୬

# ବୈଜ୍ଞାନିକ ପ୍ରଣାଳୀରେ ସୋରିଷ ଚାଷ

ଆମ ରାଜ୍ୟରେ ତୈଳବୀଜ ଫସଲ ମଧ୍ୟରୁ ଚିନାବାଦାମ ପରେ ସୋରିଷର ସ୍ଥାନ ଦ୍ୱିତୀୟ । ଆମରାଜ୍ୟରେ ଏହା ୧,୧୬,୦୦୦ ହେକ୍ଟର ଜମିରେ ଚାଷ ହୋଇ ବାର୍ଷିକ ୨୩,୦୦୦ ଟନ୍ ଉତ୍ପାଦିତ ହୋଇ ବାର୍ଷିକ ୩୩,୦୦୦ ଟନ୍ ସୋରିଷ ଉତ୍ପାଦିତ ହୋଇଥାଏ । ଯାହାକି ଆବଶ୍ୟକତାଠାରୁ ଖୁବ୍ କମ୍ । ଏପରିକି ପ୍ରାକ୍ ରବି ଓ ରବି ଋତୁରେ ଏହା ଚାଷ କରାଯାଉଥିଲେ ମଧ୍ୟ ବୈଷୟିକ ଜ୍ଞାନ କୌଶଳର ଅଭାବ ହେତୁ ସୋରିଷ ଫସଲରେ ୩୦ ରୁ ୩୫ ପ୍ରତିଶତ ଅମଳ ହ୍ରାସ ପାଇବାରେ ଲାଗିଛି । ଏଣୁ ନିମ୍ନ ପ୍ରଦତ୍ତ ବୈଷୟିକ ଜ୍ଞାନକୌଶଳ ପ୍ରତି ଗୁରୁତ୍ୱ ଦିଆଯାଇ ପାରିଲେ ଏହି ଫସଲରୁ ଆଶାନୁରୂପକ ଅମଳ ମିଳିବା ସହିତ ଖାଇବା ତେଲରେ ଆମ ରାଜ୍ୟ ସ୍ୱାବଲମ୍ବିତା ହୋଇପାରିବ ।

**ମୃତ୍ତିକା :**

ସୋରିଷ ଫସଲ ପାଇଁ ସାଧାରଣତଃ ନିଗିଡା ଢ଼ିପ ମଝିଆଲ କିସମ ଦୋରସା ପଟୁମାଟି ଏପରିକି ବାଲିଆ ଦୋରସା ମାଟି ଉପଯୁକ୍ତ ।

**ବିହନ :**

**ଅଣଜଳସେଚିତ ଜମି :** ଏମ୍-୨୭ (୭୫ ଦିନ), ପି.ଟି ୫୦୭ (୭୫ ଦିନ), ଟି-୯ (୮୫ ଦିନ), ପି.ଟି-୩୦୩ (୮୦ ଦିନ), ଅନୁରାଧା (୭୦ରୁ ୭୫ ଦିନ), ପାର୍ବତୀ (୬୫ ଦିନ) ।

ଜଳସେଚିତ ଜମି : ପି.ଟି.-୩୦୩ (୮୦ ଦିନ), ବିନୟ (୯୦ ଦିନ), ପୁଷା ବାହାର (୧୦୦ ଦିନ), ପୁଷା ବୋଲ୍ଡ (୧୦୫ ଦିନ), ପି.ଟି.-୫୦୭ (୭୫ ଦିନ)।

**ବୁଣିବା ସମୟ :**

ଅଣ ଜଳସେଚିତ ଅଞ୍ଚଳମାନଙ୍କରେ ମାଟିର ବତରକୁ ଉପଯୋଗ କରି ଅକ୍ଟୋବର ମାସଠାରୁ ଆରମ୍ଭ କରି ନଭେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ଓ ଜଳ୍‌ସେଚନ ସୁବିଧା ଥିବା ଜମିରେ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ଡିସେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ବୁଣାଯାଇଥାଏ।

**ବିହନ ପରିମାଣ ଓ ବିଶୋଧନ :**

ବୁଣିବା ପ୍ରଣାଳୀ ଓ କିସମ ଅନୁସାରେ ଏକର ପ୍ରତି ୩-୪ କି.ଗ୍ରା ବିହନ ଦରକାର ହୁଏ। ବୁଣା ପୂର୍ବରୁ ୧ କେ.ଜି. ବିହନ ପିଛା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ।

**ଜମି ପ୍ରସ୍ତୁତି ଓ ବିହନ ବୁଣା :**

ଜମିକୁ ୩/୪ ଓଡ ଗୁଣ୍ଡ ଚାଷ କରି ଲଙ୍ଗଳ ସିଆର ପଛରେ ବା ଧାଡ଼ି ବୁଣା ଯନ୍ତ୍ର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୩୦ ସେ.ମି ଓ ଗଛକୁ ଗଛ ୮-୧୦ ସେ.ମି ଦୂରତାରେ ବିହନ ବୁଣନ୍ତୁ। ଜଳସେଚିତ ଜମିରେ ୧୦୦ ଦିନରୁ ଅଧିକ ଦିନିଆ ବିହନ କିସମ ବ୍ୟବହାର କରୁଥିଲେ ଧାଡ଼ିକୁ ଧାଡ଼ି ୪୫ ସେ.ମି ବ୍ୟବଧାନ ରଖନ୍ତୁ।

**ଖତ ଓ ସାର :**

ଏକର ପ୍ରତି ୨ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ସହି ଅଣଜଳସେଚିତ ସୋରିଷ ଫସଲ ପାଇଁ ଏକର ପ୍ରତି ୧୨ କି.ଗ୍ରା

ଯବକ୍ଷାରଜାନ, ୬ କି.ଗ୍ରା. ଫସ୍‌ଫରସ୍ ଓ ୬ କି.ଗ୍ରା. ପଟାସ୍ ଓ ଜଳସେଚିତ ଫସଲ ପାଇଁ ୨୪ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା ଫସ୍‌ଫରସ୍ ଓ ୧୨ କି.ଗ୍ରା. ପଟାସ୍ ବ୍ୟବହାର କରନ୍ତୁ। ଅଣ ଜଳସେଚିତ ଫସଲ ପାଇଁ ସମସ୍ତ ସାର ବିହନ ବୁଣାର ଠିକ୍ ପୂର୍ବରୁ ମାଟିରେ ମିଶାଇ ଦିଅନ୍ତୁ। ଜଳସେଚିତ ଫସଲ ପାଇଁ ବିହନ ବୁଣା ପୂର୍ବରୁ ସମସ୍ତ ଫସ୍‌ଫରସ୍, ସମସ୍ତ ପଟାସ୍ ଓ ଯବକ୍ଷାରଜାନର ଅଧା ମାଟିରେ ମିଶାଇ ଦିଅନ୍ତୁ। ବାକି ଅଧା ଯବକ୍ଷାରଜାନ ଗଛ ଉଠିବାର ୩ ସପ୍ତାହ ପରେ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ା ଖୁସା କରନ୍ତୁ।

**ଅନ୍ତଃଚାଷ :**

ଗଛ ଉଠିବାର ୧୫-୨୦ ଦିନ ପରେ ଧାଡ଼ିରେ ଗଛ ସଂଖ୍ୟା ଅଧିକ ଦେଖାଦେଲେ ୮-୧୦ ସେ.ମି. ବ୍ୟବଧାନ ରଖି ଦୁର୍ବଳ, ରୋଗୀଣା, ଅନାବଶ୍ୟକ ଗଛକୁ ଉପାଡି ପତଳା କରନ୍ତୁ ଓ ୨୦-୨୫ ଦିନ ବେଳକୁ କୋଡ଼ା ଖୁସା କରି ଅନାବନା ଘାସ ବାଛି ଦିଅନ୍ତୁ।

**ଜଳସେଚନ :**

ସୋରିଷ ମୋଟ ୩୦୦ ମିଲିମିଟର ପାଣି ଦରକାର କରିଥାଏ। ଚାରା, ଫୁଲ ଆରମ୍ଭ ଓ ଫଳବୃଦ୍ଧି ଅବସ୍ଥାରେ ଏପରି ୩ଥର ଜଳସେଚନ କରନ୍ତୁ।

**ଫସଲ ସଂରକ୍ଷଣ**

**(୧) ଜଉପୋକ :**

ଉଭୟ ଅର୍ଭକ ଓ ପ୍ରାପ୍ତ ବୟସ୍କ ପୋକ ଗଛର ପତ୍ର, ଫୁଲ, ଛୁଇଁରୁ ରସ ଶୋଷଣ କରନ୍ତି। ପତ୍ର, ବଢ଼ିଲା ଅଙ୍ଗ ଏବଂ ଫଳରେ ମେଞ୍ଚା ମେଞ୍ଚା ହୋଇ ଲାଗିଥାନ୍ତି। ଗଛ ପ୍ରତି ୫୦ ରୁ ଅଧିକ ପୋକ ଦେଖାଦେଲେ ଏକର ପ୍ରତି

୪୦୦ ମି.ଲି. ମିଥାଇଲ୍ ଡିମେଟନ୍/ ଡାଇମିଥୋଏଟ୍ / କୁଇନାଲଫସ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୫୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**(୨) କରତିଆ ମାଛି :**

ଏହା ସୋରିଷର ପତ୍ର ଓ କଅଁଳିଆ ଅଂଶ ଖାଇ ନଷ୍ଟ କରି ଦିଅନ୍ତି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ ମି.ଲି. ନିମ୍ବଜାତ କୀଟନାଶକ ୦.୧୫% କିମ୍ବା ୫୦୦ ମି.ଲି. ଫୋସାଲୋନ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହାତରେ ସଂଗ୍ରହ କରି ମଧ୍ୟ ମାରିଦେଲେ ପୋକ ସଂଖ୍ୟା କମିଯାଏ।

**(୩) ସବୁଜ ପତ୍ରଖିଆ ପୋକ :**

ଶୂକଗୁଡିକ ପତ୍ର ଓ ଅଗରେ ଥିବା ଫୁଲକୁ ବାନ୍ଧିଦେଇ ତା' ମଧ୍ୟରେ ରହି ପତ୍ର, କଢ଼ ଓ ଫଳ ଖାଇଯାନ୍ତି। ଅଧିକ ହେଲେ ଗଛ ସମ୍ପୂର୍ଣ୍ଣ ଭାବେ ପତ୍ରହୀନ ହୋଇଯାଏ। କେବଳ ଝାଡ଼ୁ ଭଳି ଗଛ ଠିଆ ହୋଇ ରହେ। ଏହାର ଦମନ ପାଇଁ ଏକର ପ୍ରତି ୨୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ କିମ୍ବା ଇଣ୍ଡକ୍ସାକାର୍ବକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**(୪) ପତ୍ରଚିତା ରୋଗ :**

ପ୍ରଥମେ ପତ୍ର ତଳପାଖେ ପାଣି ପଚା ହଳଦିଆ ଚିହ୍ନ ଦେଖାଯାଏ। ଏହାର ୪ ଧାର ବାଦାମୀ ଓ ମଝି ଅଂଶ ଧୂସର ଦେଖାଯାଏ। ରୋଗ ବଢିଗଲେ ପୋଡ଼ାଳିଆ ଏବଂ ବେରଙ୍ଗୀ ହୋଇ ଶୁଖିଯାଏ। ଏହି ଚିହ୍ନ ଫଳ ଉପରେ ଦେଖାଦେଲେ ଫଳ ପାଚିବା ପୂର୍ବରୁ ଶୁଖିଯାଏ। ଏହାର ଦମନ ପାଇଁ ଏକର ପ୍ରତି ୧ କି.ଗ୍ରା କପର ଅକ୍ସିକ୍ଲୋରାଇଡ୍ ବା ୮୦୦ ଗ୍ରାମ୍ ମାନ୍‌କୋଜେବ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**(୫) ତଳୋନ୍ମୁଖୀ ପାଉଁଶିଆ ରୋଗ :**

ପତ୍ରର ତଳ ପାଖରେ ବାଦାମୀ ରଙ୍ଗର ଚିହ୍ନ ଦେଖାଯାଏ । ଏହି ଚିହ୍ନଗୁଡ଼ିକ ବଢିଯାଇ ପାଉଁଶିଆ ଦେଖାଯାଏ । ପରେ ପତ୍ର ଶୁଖି ସହଜରେ ଗଛରୁ ଝଡିପଡେ । ଏହାର ଦମନ ପାଇଁ ଏକର ପ୍ରତି ୧ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍‌କୁ ୨୦୦ ଲିଟର ପାଣି ସହିତ ମିଶାଇ ୧୦ ଦିନ ଅନ୍ତରରେ ୨ ଥର ସିଞ୍ଚନ କରନ୍ତୁ ।

**ଅମଳ :**

ଗଛ ହଳଦିଆ ପଡିଗଲେ, ସକାଳ ବେଳା ବା ଥଣ୍ଡା ସମୟରେ ଅମଳ କରିବା ଉଚିତ୍ । ଅମଳ ପରେ ଛାଇରେ ଶୁଖାଇ ବାଡିରେ ବାଡେ଼ କିମ୍ବା ବଳଦ ଗାଡ଼ି ସାହାଯ୍ୟରେ ମଞ୍ଜି ରଗଡ଼ି ସଫା କରି ସାଇତି କରି ରଖାଯାଇଥାଏ । ଖରାରେ ଶୁଖାଇଲେ କିମ୍ବା ଅମଳ କରି ବିଳମ୍ବରେ ସାଇତି ରଖିଲେ ଏଥିରୁ ତେଲ ଉତ୍ପାଦନ ହ୍ରାସ ପାଏ । ଅତଏବ ଅନୁମୋଦିତ ପ୍ରଣାଳୀରେ ଚାଷ କଲେ ଏକର ପ୍ରତି ଅଣଜଳସେଚିତ ଜମିରୁ ୩ କ୍ୟୁଣ୍ଟାଲ ଜମିରୁ ୫ କ୍ୟୁଣ୍ଟାଲ ଅମଳ ମିଳିଥାଏ ।

**ସୋରିଷ ଚାଷରେ ବିଶେଷ ପଦକ୍ଷେପ :**

୧. ସୋରିଷ ଚାଷରେ ସହଳ ଜମି ପ୍ରସ୍ତୁତି ଓ ବୁଣା ବୁଣି ଖାଦ୍ୟ ଶେଷ କରନ୍ତୁ ।

୨. ସମନ୍ୱିତ ଉପାୟରେ ରୋଗ ପୋକ ପରିଚାଳନା ପ୍ରତି ଧ୍ୟାନ ଦିଅନ୍ତୁ ।

୩. ଅନାବନା ତଥା ବିକଳ୍ପ ପୋଷକ ଗଛ ଓ ଲଟା ଆଦି ନଷ୍ଟ କରିବା ସହିତ ପରିଷ୍କାର ଚାଷ କରନ୍ତୁ ।

୪. ରୋଗ ପୋକ ସହଣି ତଥା ଛୁଇଁ ଫାଟୁ ନଥିବା କିସମ ଚାଷ କରନ୍ତୁ।
ସଠିକ୍ ଦୂରତାରେ ବୁଣିବା ଓ ସୁଷମ ଖାଦ୍ୟସାର ପ୍ରତି ବିଶେଷ
ଧ୍ୟାନ ଦିଅନ୍ତୁ।

୫. ସଙ୍କଟ କାଳରେ ଜଳସେଚନ ସହିତ ଜଳ ନିଷ୍କାସନ ପ୍ରତି ଧ୍ୟାନ
ଦିଅନ୍ତୁ। ଏହାଦ୍ୱାରା ଅଧିକ ଫୁଲ ଧରିବା ସହିତ ଛୁଇଁ ଆସି ଅମଳ
ଅଧିକ ମିଳିଥାଏ।

୬. ଫୁଲ ଆସିବା ସମୟାରେ ଉପକାରୀ କୀଟ ସହିତ ମହୁ ମାଛି ବାକ୍ସ
ସ୍ଥାପନ କରନ୍ତୁ।

୭. ପରାଶ୍ରୟୀ କିମ୍ବା ପରଜୀବୀ କୀଟ ମାଧ୍ୟମରେ ଫସଲରେ କୀଟ
ପରିଚାଳନା କରନ୍ତୁ।

୮. ଜଉ ପୋକ ଓ ଶୋଷକ କୀଟର ପାଦୁର୍ଭାବରୁ ରକ୍ଷା ପାଇଁ ସହଳ
ବୁଣିବା ସହିତ ଅଠାଳିଆ ଯନ୍ତା ଓ ଆବଶ୍ୟକ ସ୍ଥଳେ ରାସାୟନିକ
କୀଟନାଶକ ପ୍ରୟୋଗ କରନ୍ତୁ।

୯. ସଠିକ୍ ସମୟରେ ଅମଳ କରିବା ସହିତ ସାଇତି ରଖିବା ବ୍ୟବସ୍ଥା
କରନ୍ତୁ।

୧୦. ରାସାୟନିକ ପଦ୍ଧତି ଅପେକ୍ଷା ଜୈବିକ ଓ ସମନ୍ୱିତ ପଦ୍ଧତି ଅବଲମ୍ବନ
କରନ୍ତୁ।







ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ ( ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି - ୭୬୧୦୧୬
Email : kvkgajapati.ouat@gmail.com